## ସଂକ୍ଷେପରେ

### ସାଇବର ଥାନା କର୍ମଚାରୀ କହି ଠକୁଥିଲେ, ୨ ଗିରଫ

ଛତ୍ରପୁର,୧୯।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ନିଜକୁ ସାଇବର ଥାନା କର୍ମଚାରୀ କହି ଟଙ୍କା ଠକୁଥିବା ୨ ଜଣଙ୍କୁ ଛତ୍ରପୁର ଥାନା ଅଞ୍ଚଳରୁ ପୋଲିସ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳି ଅଞ୍ଚଳର ପବିତ୍ର କୁମାର ପ୍ରଧାନ ଓ ପୋଲସରା ଥାନା ବର୍ଡନ ଅଞ୍ଚଳର ମଣ୍ଟୁ ପାତ୍ର । ଛତ୍ରପୁର ଦେବୀନଗର ଅଞ୍ଚଳର ସ୍ୱାଗତ ମିଶ୍ର ଗତ ନଭେମ୍ବର ୫ ତାରିଖରେ ନିଜର କ୍ରେଡିଟ କାର୍ଡରୁ କୌଣସି କାରଣରୁ ୨ ଲକ୍ଷ ୭୪ ହଜାର ଟଙ୍କା ଠକାମିର ଶିକାର ହୋଇଥିଲେ । ଏହାପରେ ସେ ୨ ଠକ ପବିତ୍ର ଓ ମଣ୍ଟୁଙ୍କ ସଂସ୍ପର୍ଶରେ ଆସିଥିଲେ। ଉଭୟେ ନିଜକୁ ସାଇବର କର୍ମଚାରୀ ବୋଲି ପରିଚୟ ଦେଇଥିଲେ । ପରେ ଏହି ୨ ଜଣ ସ୍ୱାଗତଙ୍କୁ ଠକିବାର ଲାଗିଥିଲେ। ବିଭିନ୍ନ ସମୟରେ ସେମାନେ ୧ ଲକ୍ଷ ୬୪ ହଜାର ଟଙ୍କା ନେଇଥିଲେ। ସ୍ୱାଗତ ୨ ଲକ୍ଷ ୭୪ ହଜାର ଟଙ୍କା ଫେରିପାଇବା ଆଶାରେ ୧ ଲକ୍ଷ ୬୪ ହଜାର ହରାଇ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଅଗ୍ନିକାଣ୍ଡରେ ଜଳିଗଲା ଧାନଗଦା

ଧରାକୋଟ,୧୯।୧(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ବାହାରପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଗୌଡ଼ସାହି ନିକଟରେ ଥିବା ବନବାସ ବିଶୋଇ, ଶିବରାମ ବିଶୋଇ, ମଙ୍ଗୁଲୁ ବିଶୋଇ, ବାୟା ବିଶୋଇ ଓ ଗାଣ୍ଡୁ ବିଶୋଇଙ୍କର ପାଞ୍ଚ ଭରଣ ଜମିର ଧାନ ସହ ନଡ଼ାଗଦା ଜଳିପୋଡ଼ି ନଷ୍ଟ ହୋଇଯାଇଛି । ରବିବାର ସକାଳେ ହଠାତ ଧାନ ଗଦାରେ କୌଣସି କାରଣରୁ ନିଆଁ ଲାଗି ତାହା ଜଳିବାକୁ ଲାଗିଥିଲା। ଖବରପାଇ ଧରାକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ଅଧିକାରୀ ରୁଦ୍ର ମାଧବ ମଲିକଙ୍କ ନିର୍ଦ୍ଦେଶ ଅନୁସାରେ କର୍ମଚାରୀ ଯୁଗଳ ଦିଗାଲ,ପବିତ୍ର ବେହେରା,ଅରୁଣ ବିଦ୍ଧାଣି ଓ ଭୀମ ସେନ ନାୟକ ପ୍ରମୁଖ ନିଆଁ ଲିଭାଇଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତ ପ୍ରଦାନ ପାଇଁ ଦାବି ହେଉଛି।

### ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଦାରିଙ୍ଗବାଡ଼ି, ୧୯।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ପର୍ଡାମାହା ପଞ୍ଚାୟତ ସାରେଙ୍ଗୁ, କାଡ଼ସପାଟା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରିଛି ପୋଲିସ। ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ ପ୍ରଥମଥର ପାଇଁ ଗଞ୍ଜେଇ ଚାଷ ଏତେ ପରିମାଣର କରାଯାଉଥିବା ଖବର ପାଇ ଦାରିଙ୍ଗବାଡ଼ି ଆଇଆଇସି କନକ ମାଝିଙ୍କ ନେତୃତ୍ୱରେ ତହସିଲଦାର ଶରତ ଶବର ସଦଳବଳ ସେଠାରେ ପହଞ୍ଚି ଗଞ୍ଜେଇ ଗଛ କାଟିବା ସହ ତାକୁ ପୋଡ଼ି ନଷ୍ଟ କରିଛନ୍ତି। ଏହି ଗଞ୍ଜାଇ ଗଛ ଆଉ କିଛି ଦିନ ପରେ ଅମଳ ହୋଇ ଚୋରାଚାଲାଣ କରାଯାଇଥାନ୍ତା। ହେଲେ ବହୁ ପୂର୍ବରୁ ପୋଲିସ ଏହାକୁ ରୋକିବାରେ ସଫଳ ହୋଇଛି। କିଏ କେଉଁ ପରିସ୍ଥିତିରେ ଏଭଳି ଚାଷ କରିଛି ତାହାକୁ ନେଇ ପୋଲିସ ଅଧିକା ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ପିକ୍‌ଅପ୍ ଭ୍ୟାନ୍-ବାଇକ ଧକ୍କା, ୨ ଗୁରୁତର

ବାଲିଗୁଡ଼ା, ୧୯।୧(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ତୁମୁଡିବନ୍ଧ-କୋଟଗଡ଼ ରାସ୍ତାରେ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାରେ ୨ ବାଇକ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ଦେବଜୀତ ପରାସେଠ, ସମଦେଶ ମଣ୍ଡଳ। ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ତୁମୁଡ଼ିବନ୍ଧ ପରେ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଭ୍ୟାନ୍ ଓ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଶେରଗଡ଼, ୧୯।୧(ସୂର୍ଯ୍ୟ ନାରାୟଣ ଦାଶ)

ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପଦାର୍ଥ ବିଜ୍ଞାନର ଅଧାପିକା ଡକ୍ଟର ରୀତା ରାଣୀ ସ୍ୱାଇଁ ଦୀର୍ଘ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ଅନୁଷ୍ଠାନର ଅଧକ୍ଷ ଉପେନ୍ଦ୍ର ବାଡତ୍ୟା ଆତ୍ମସୁରକ୍ଷା କୌଶଳର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ତାଲିମ ଶିବିରର ପ୍ରଶିକ୍ଷିକା ସାଗରିକା ମହାକୁଡ଼ଙ୍କୁ ଅନୁଷ୍ଠାନ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ଏବଂ ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିଲା।

# ଭୁଶୁଡୁଛି ମୁଖ୍ୟରାସ୍ତା, କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁନି

ପାରଳାଖେମୁଣ୍ଡି,୧୯।୧(ଗିରିଧାରୀ ପରିଚ୍ଛା)



ଭୁଶୁଡ଼ି ପଡ଼ିଥିବା ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା ଧିରେ ଧିରେ ଭୁଶୁଡ଼ିବାରେ ଲାଗିଛି। ସହରର ଶଙ୍କୁରୀ ପୋଖରୀଠାରୁ ବସଷ୍ଟାଣ୍ଡ ରାସ୍ତାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତା ପାର୍ଶ୍ୱରୁ ପିରୁ, ମାଟି ଭୁଶୁଡୁ ଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି।

ଶଙ୍କୁରି ପୋଖରୀର ଉନ୍ନୟନ ନାଁରେ ୭ ବର୍ଷ ପୂର୍ବେ ବନ୍ଧ ଖନନ କରାଯାଇଥିବା ବେଳେ ମୁଖ୍ୟରାସ୍ତାର ପ୍ରାୟ ୨୦ ପ୍ରତିଶତ ରାସ୍ତା ନଷ୍ଟ ହୋଇଯାଇଥିଲା। ଅନ୍ୟପଟେ ପୋଖରୀ ଉନ୍ନୟନ ନାଁରେ ବହୁ କୋଟି ଟଙ୍କା ଖର୍ଚ୍ଚ କରି ବନ୍ଧ ସଙ୍କୁଚିତ କରି ଦିଆଯାଇଛି। କିନ୍ତୁ ଏ ଯାଏ ବନ୍ଧଟି ବ୍ୟବହାର ଉପଯୋଗ୍ୟ ହୋଇପାରିନାହିଁ। ଏହାପରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ୫ବର୍ଷ ତଳେ ଜବରଦଖଲ ହଟାଯିବା, ଗଛ କଟାଯିବା, ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ଆଦି କାର୍ଯ୍ୟ ହୋଇଥିଲେ ବି ରାସ୍ତା କାର୍ଯ୍ୟ ଅଟକି ରହିଛି । ଶଙ୍କୁରୀ ପୋଖରୀର ପୁନରୁଦ୍ଧାର ସମୟରେ ନାଳ ଓ ରାସ୍ତା ପାଇଁ ଖନନ କରାଯାଇଥିଲା, ଯାହା ଏବେ ବିପଦକୁ ଡାକି ଆଣିବା ଭଳି ମନେ ହେଉଛି। ରାସ୍ତାକଡଟି ଭୁଶୁଡିବାରେ ଲାଗିଛି । ସହରର ଏକମାତ୍ର ଏହି ମୁଖ୍ୟ ରାସ୍ତାରେ ଦୈନନ୍ଦିନ ଦୁଇଚକିଆ, ତିନି ଚକିଆ ସମେତ ବସ, ଟ୍ରକ ଆଦି ଭାରୀଯାନ ଯାତାୟତ କରୁଛି। ଅସାବଧାନବଶତଃ ରାସ୍ତା ଭୁଶୁଡୁ ଥିବା ସ୍ଥାନ ଦେଇ କୌଣସି ଗାଡି ଗଡ଼ିଗଲେ ଛୋଟ ବଡ ଦୁର୍ଘଟଣା ମଧ ଘଟୁଛି । ଏହା ସତ୍ତ୍ୱେ ବି ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଏହି ରାସ୍ତା ନିର୍ମାଣ ପାଇଁ ତତ୍ପରତା ଦେଖାଉ ନାହାନ୍ତି। ଏହି ବିପଦପୂର୍ଣ୍ଣ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ବିପଦସଙ୍କେତ ମଧ ଲଗାଯାଇ ନାହିଁ । ଅନ୍ୟପକ୍ଷରେ ପୋଖରୀର ଉନ୍ନୟନ ତଥା ରାସ୍ତା ପ୍ରଶସ୍ତୀକରଣ ବେଳେ ଯେଉଁ ଜବର ଦଖଲ ହଟାଯାଇଥିଲା ସେଠାରେ ପୁଣି ଅସ୍ଥାୟୀ ଦୋକାନ ଖୋଲିଲାଣି। ପ୍ରଶାସନ ପଦକ୍ଷେପ ନ ନେଲେ ସେମାନେ ପୁଣି ସ୍ଥାୟୀ ଦୋକାନ ନିର୍ମାଣ କରି ଜାଗାକୁ ନିଜ ଅକ୍ତିଆରକୁ ନେବା ସମ୍ଭାବନା ରହିଛି । ଏ ନେଇ ପୌର ପରିଷଦ ଅଧ୍ୟକ୍ଷାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହି ମୁଖ୍ୟ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ଏହାକୁ ପୂର୍ତ୍ତ ବିଭାଗ କରିବ। ଅନ୍ୟପଟେ ମୋ ପୋଖରୀ ଯୋଜନା ଅଧୀନରେ ସଙ୍କୁରି ବନ୍ଧର ଉନ୍ନୟନ କାର୍ଯ୍ୟ ଚାଲୁ ରହିଛି, ଖୁବଶୀଘ୍ର କାର୍ଯ୍ୟ ଶେଷ ହୋଇଯିବ ବୋଲି କହିଛନ୍ତି।

# ନୂତନ ବାରଖମା ବ୍ଲକ ଗଠନ ଦାବି ତେଜିଲା

ବାଲିଗୁଡା,୧୯।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ବ୍ଲକ ବାରଖମାକୁ ନୂତନ ବ୍ଲକ ଘୋଷଣା ଦାବିରେ ଶନିବାର ୧୫ ନମ୍ବର ଜିଲା ପରିଷଦ ଜୋନର ୮ ପଞ୍ଚାୟତର ଶତାଧିକ ଲୋକ ପାରମ୍ପରିକ ବେଶଭୁଷା ସହ ଅସ୍ତ୍ରଶସ୍ତ୍ର ଧରି ବାଲିଗୁଡାରେ ଗର୍ଜନ କରିଛନ୍ତି। ନୂଆ ବ୍ଲକ ନ ହେଲେ ଲୋକ ପ୍ରତିନିଧି ଓ ପ୍ରଶାସନକୁ ପଞ୍ଚାୟତରେ ପ୍ରବେଶ କରାଇ ଦିଆଯିବ ନାହିଁ ଚେତାବନୀ ଦେଇଛନ୍ତି । ଗତ ୧୦ ତାରିଖରେ ସୁଦ୍ରାଠାରେ ବାରଖମା, ସୁଦ୍ରା, ରେବିଙ୍ଗିଆ, ସଲାଗୁଡା, ସିନ୍ଦ୍ରିଗାଁ, କୁଟିକିଆ, ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତର ଶତାଧିକ ଲୋକ ଓ ଲୋକ ପ୍ରତିନିଧି ଏକତ୍ରିତ ହୋଇ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଗର୍ଜନ ସମାବେଶରେ ବ୍ଲକ ସଂଗ୍ରାମ ମଞ୍ଚ ବାରଖମା ସଭାପତି ଜୟ ଚନ୍ଦ୍ର ନାୟକ, ସମ୍ପାଦକ ବିରେନ୍ଦ୍ର କୁମାର ସାହୁଙ୍କ ସମେତ ଉପସଭାପତି ବିଜେଶ୍ୱର ମଲ୍ଲିକ, ଜୟରାମ ଦଣ୍ଡିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବେନ୍ଦ୍ର କହଁର, ସରପଞ୍ଚମାନଙ୍କ ସହ ସମିତିସଭ୍ୟାସଭ୍ୟମାନେ ସାମିଲ ହୋଇ ଥିଲେ । ବାରଖମାକୁ ନୂତନ ବ୍ଲକ ଗଠନ ପାଇଁ ଦୀର୍ଘ ୩ ବର୍ଷ ହେବ ବ୍ଲକ ସଂଗ୍ରାମ ମଞ୍ଚ ଦାବି କରି ଆସୁଛି। ପୂର୍ବରୁ ୨୦୨୪ ଫେବୃୟାରୀରେ ୮ ପଞ୍ଚାୟତର ଶତାଧିକ ଲୋକ ଏକ ବିରାଟ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ଜରିଆରେ ପୂର୍ବ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ କିଛି ସୁଫଳ ପାଇନ ଥିଲେ । ଏବେ ପୁଣି ବ୍ଲକ ଗଠନ ଦାବି ତେଜିବାରେ ଲାଗିଛି।

# ଦୃତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ କରାଯାଉଛି ।

ଛତ୍ରପୁର,୧୯।୧(ସନ୍ତୋଷ ପାଢ଼ୀ)

ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ତ୍ରିପାଠୀଙ୍କ ଅନୁରୋଧ ରକ୍ଷାକରି ଅଲମ୍ପିକ ପଦକ ବିଜେତା ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ ଧାବିକା ଦୃତି ଚାନ୍ଦ ରାମଚଣ୍ଡୀଙ୍କ ପୀଠକୁ ଆସି ମା'ଙ୍କ ଆଶିଷ ଲାଭ କରଛନ୍ତି। ଏହି ଅବସରରେ ତାଙ୍କୁ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟି ତରଫରୁ ଆନୁଷ୍ଠାନିକ ଭାବେ ମା'ଙ୍କ ପଟଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ସଂଯୋଜକ କମଲ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସଭାପତି ଅଜୟ ନାୟକ, ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଭଞ୍ଜନଗର,୧୯।୧(ବାବୁଲା ପ୍ରଧାନ)




ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର ବନ ବିଭାଗ ଡାକବଙ୍ଗଳା ଠାରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ସେ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବରିଷ୍ଠ ନାଗରିକମାନଙ୍କ ଉନ୍ନତି ପାଇଁ ଯାହା ସହଯୋଗ ଆବଶ୍ୟକ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଶିବରାମ ପଣ୍ଡା, ଡ. କମ୍ବୁପାଣି ସାମନ୍ତ, ମଞ୍ଚର ଉପସଭାପତି ସନ୍ତୋଷ କୁମାର ତିଆଡି, ସୋରଡା ଶଶୀଭୂଷଣ ସାହିତ୍ୟ ସଂସଦର ସଭାପତି ଧୋବା ବେହେରା, ସମ୍ପାଦକ ଉମାଶଙ୍କର ଦାସ, ବାଲିପଦର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଡ. ସୁରେଶ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ରବି ନାରାୟଣ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସାହିତ୍ୟିକ ଅଶୋକ କୁମାର ସାହୁ, ମାଗୁଣି ମିଶ୍ର, ଗୋପାଳ ମହାରଣା, ବିଭୂତି ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ସ୍ୱାଇଁ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅବ୍ୟକ୍ତ ସ୍ମୃତି ଦିବସ

କବିସୂର୍ଯ୍ୟନଗର/ ଛତ୍ରପୁର,୧୯।୧ (କୃପାସିନ୍ଧୁ ସ୍ୱାଇଁ/ ସନ୍ତୋଷ ପାଢ଼ୀ)

କବିସୂର୍ଯ୍ୟନଗର ସ୍ଥିତ ପ୍ରଭୁପ୍ରିତ୍ ଭବନ ବ୍ରହ୍ମାକୁମାରିସ ଆଶ୍ରମରେ ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୬ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ମହେଶ୍ୱରୀ ଦୋରା ଏବଂ ସମ୍ମୁଲିଙ୍ଗମ ଆଚାରୀ, ଆସିକା ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ପ୍ରଭାତୀ ଦିଦ ଯୋଗଦେଇ ବ୍ରହ୍ମାବାବାଙ୍କ ତ୍ୟାଗ ଓ ତପସ୍ୟାର ଜୀବନ କାହାଣୀ ଉପସ୍ଥାପନ କରିଥିଲେ। ପ୍ରଭୁପ୍ରୀତ୍ ଭବନର ସଞ୍ଚାଳିକା ରଜାଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ପରିଚୟ ପ୍ରଦାନ କରିଥିବାବେଳେ ବ୍ରହ୍ମାକୁମାର ସତ୍ୟପ୍ରିୟ ଆଧାତ୍ମିକ ଜ୍ଞାନ ଦ୍ୱାରା ଚାରିତ୍ରିକ ଉନ୍ନତି ହୋଇଥାଏ ବୋଲି ନିଜ ଅନୁଭବରେ ଅନୁବକ୍ତ କରିଥିଲେ। ବ୍ରହ୍ମାକୁମାରୀ ନିରୁପ୍ରଭା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେହିପରି ଛତ୍ରପୁର ଶାଖା ଶାନ୍ତି ଅନୁଭୂତି ଭବନ କେନ୍ଦ୍ରରେ ଶାଖା ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଛି। ମୁନିସିପେଣ୍ଟ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା. ସ୍ୱାଧୀନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜଯୋଗ ମାଧ୍ୟମରେ ଓଁ ଶାନ୍ତି ଉଚ୍ଚାରଣ ଲୋକଙ୍କ ପାଇଁ ଭଲ ଫଳପ୍ରଦ ହେବ ବୋଲି କହିଛନ୍ତି । ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର୍ ପାଣିଗ୍ରାହୀ, ଛତ୍ରପୁର ବ୍ଲକ ଯକ୍ଷ୍ମା ନିରୀକ୍ଷକ ପ୍ରଭାତ ସାହୁ ଯୋଗଦେଇ ଅନେକ ସାସ୍ଥ୍ୟ ସଚେତନତା ମୂଳକ ସନ୍ଦେଶ ଦେଇଥିଲେ । ବ୍ରହ୍ମା କୁମାରୀ ପିଙ୍କି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରହ୍ମା କୁମାର ସୂର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶେଷରେ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା।

# ଆତ୍ମସୁରକ୍ଷା ତାଲିମ ଶିବିର



ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଉଛି।

ପାରଳାଖେମୁଣ୍ଡି/ ଗୋଷାଣୀ, ୧୯।୧ (ଗଣେଶ ପାତ୍ର/ ଗିରିଧାରୀ ପରିଚ୍ଛା)

ଗୋଷାଣୀ ବ୍ଲକ ଗୁରାଣ୍ଡିସ୍ଥିତ ମୀନକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି। ଏହି ଶିବିରକୁ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧାପିକା ଭଗବତୀ ଗମାଙ୍ଗ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅଧକ୍ଷ ତ୍ରିପତି ବାଲାଜୀ ପରିଚ୍ଛା ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ରାଜେଶ ପାତ୍ର, ଟି. ସତ୍ୟ ନାରାୟଣ ରାଓ, ବିଧୁ ଭୂଷଣ ପ୍ରଧାନ, ଅଧାପିକା ସୁନନ୍ଦା ପାଣିଗ୍ରାହୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶିବିରରେ ତାଲିମଦାତା ଭାବେ ନିତୁ ଜେନା ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଦେଉଥିବା ବେଳେ ୨୪ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ବନାଗ୍ନି ନିରାକରଣ ସଚେତନତା ଶିବିର | ଜଙ୍ଗଲ ନିଆଁ ରୋକିବା ପାଇଁ ସଂକଳ୍ପ



ଶିବିରରେ ଉପସ୍ଥିତ ଅତିଥି।

ବାଲିଗୁଡ଼ା,୧୯।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ଅଧକ୍ଷତାରେ ଶନିବାର ବନାଗ୍ନି ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧକ୍ଷା ନନ୍ଦିନୀ ମଲିକ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ କୌଶିକ ସାହୁ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ, ସହକରୀ ଜିଲାପାଳ ହରେକୃଷ୍ଣ ରାଉତ, କେନ୍ଦୁପତ୍ର ଏସିଏଫଓ ଚନ୍ଦ୍ର ସେତା ପୂଜାରୀ, ଏସିଏଫଓ ସୂର୍ଯ୍ୟ କାନ୍ତ ବେହେରା, ମନୋରଞ୍ଜନ ବାଗ ଯୋଗଦେଇ ଥିଲେ। ମିଳିମିଶି ବନାଗ୍ନି ନିରାକରଣ ସଚେତନତା ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇ ପାରିଲେ ସୁଫଳ ମିଳିପାରିବ। ବିଗତ ବର୍ଷ ତୁଳନାରେ କିଭଳି ବନାଗ୍ନି ନିରାକରଣ ସଚେତନତାକୁ ଅଧିକରୁ ଅଧିକ କାଲେ ଜଙ୍ଗଲ ନିଆଁକୁ କମ କରାଯାଇ ପାରିବ ସେଥିପାଇଁ ସମସ୍ତେ ଶପଥ ନେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବାଲିଗୁଡ଼ା ବନଖଣ୍ଡ ଅଧୀନରେ ରହିଥିବା ୭ଟି ବନାଞ୍ଚଳରେ ବନାଗ୍ନି ସଚେତନତା ରଥ ଗଡ଼ିବା ସହ ପଥପ୍ରାନ୍ତ ନାଟକ, ଦସ୍ତଖତ ଅଭିଯାନ, ପୋଷ୍ଟର ଓ ଲିଫଲେଟ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବ ବୋଲି ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା କହିଥିଲେ। ଏଥିରେ ବାଲିଗୁଡ଼ା ବନାଞ୍ଚଳ ଅଧିକାରୀ ଅତୁଲ୍ୟ ମହାନ୍ତି, ରମାକାନ୍ତ କହଁର, କ.ନୂଆଗାଁ ବନାଞ୍ଚଳ ଅଧିକାରୀ, ବନାଞ୍ଚଳ ଅଧିକାରୀ ବ୍ରାହ୍ମଣୀ ଗାଁ ହରିହର ବେହେରା, ବନାଞ୍ଚଳ ଅଧିକାରୀ ଦାରିଙ୍ଗବାଡ଼ି ମାଧବ ଚନ୍ଦ୍ର ବେହେରା, ବନାଞ୍ଚଳ ଅଧିକାରୀ କୋଟଗଡ ବାଲଗୋପାଳ ବେହେରା, ବନାଞ୍ଚଳ ଅଧିକାରୀ ତୁମୁଡିବନ୍ଧ କାଳିଚରଣ ବେହେରା, ବନାଞ୍ଚଳ ଅଧିକାରୀ ବେଲଘର ବିନାୟକ ବିଶିଙ୍କ ସମେତ, ବନପାଳ, ବନରକ୍ଷୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗଣମାଧମ ପ୍ରତିନିଧିମାନେ ଯୋଗଦେଇ ଥିଲେ।

# କବିସୂର୍ଯ୍ୟଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

କବିସୂର୍ଯ୍ୟନଗର,୧୯।୧ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ହରିହର ଶାସ୍ତ୍ରୀୟ ସଂଗୀତ ବିଦ୍ୟାଳୟରେ ରବିବାର ଅପରାହ୍ନରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ଫେବୃଆରୀ ୨ରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଉପସ୍ଥିତ ସଭ୍ୟାସଭ୍ୟ, କର୍ମକର୍ତ୍ତା ବୃନ୍ଦ। ଲାୟନ୍ସ କ୍ଲବ ସଭାନେତ୍ରୀ ତଥା ସମାଜସେବୀ ଇ.ମାହେଶ୍ୱରୀ ଦୋରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନାଟ୍ୟଗୁରୁ ନବଘନ ପରିଡ଼ା, ଓଡିଶୀ ନୃତ୍ୟଗୁରୁ ଅଭୟ ପରିଡ଼ା, ଅକ୍ଷୟ ପରିଡ଼ା, ଶିଶିର ଗୌଡ଼, ଚିତ୍ରସେନ ଗୌଡ଼, ସୁମନ୍ତ ଚଣ୍ଡ, ପ୍ରଶାନ୍ତ ନାୟକ, ଅଭୟ ପରିଡ଼ା, ଇ.ଗୌରୀଶଙ୍କର ଆଚାରୀ, ସୋମନାଥ ପଟ୍ଟନାୟକ, ସୁବାସ ବିଶ୍ୱାଳ, ବିଜୟ ଲକ୍ଷ୍ମୀ ଭଞ୍ଜ ଓ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ନାୟକ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ରୋକିବାକୁ ଅଭିନବ ପ୍ରୟାସ



ପଥ ପ୍ରାନ୍ତ ନାଟକର ଏକ ଦୃଶ୍ୟ।

ବାଲିଗୁଡ଼ା,୧୯।୧(ସଞ୍ଜୟ ପାଣିଗ୍ରାହୀ)

ବାଲ୍ୟ ବିବାହ ରୋକିବାକୁ ଜିଲା ପ୍ରଶାସନର ଅଭିନବ ପ୍ରୟାସ, ନୃତ୍ୟଗୀତ ପଥ ପ୍ରାନ୍ତ ନାଟକ ମାଧ୍ୟମ ଗାଁଗାଁରେ ଜନ ସଚେତନ। ନିଆରା ଢଙ୍ଗରେ କଳାକାରଙ୍କ ସାମାଜିକ ବାର୍ତ୍ତା। କନ୍ଧମାଳ ଜିଲାରେ ଦିନକୁ ଦିନ ବାଲ୍ୟ ବିବାହ ଭଳି ଘୃଣ୍ୟ ପ୍ରଥା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବାକୁ ଜିଲା ପ୍ରଶାସନ ପଦକ୍ଷେପ ନେଉଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ବାଲିଗୁଡା ଓ କ.ନୂଆଗାଁଙ୍କ ମିଳିତ ଉଦ୍ୟମରେ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ଓ କ.ନୂଆଗାଁ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ କଳା ବିକାଶ କେନ୍ଦ୍ର ଓ ମାହେଶ୍ୱରୀ କଳାକାର ସଂଘର କଳାକାରଙ୍କ ଦ୍ୱାରା ବାଲ୍ୟ ବିବାହକୁ ରୋକିବାକୁ ସଂସ୍କାରଧର୍ମୀ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, କିଶୋରୀ, ବାଳିକା ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଯୁବ ନାଟ୍ୟକାର ପ୍ରମୋଦ ଦଣ୍ଡସେନା ଏହି ପଥପ୍ରାନ୍ତ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ସଂଗୀତରେ ବରିଷ୍ଠ କଳାକାର ଅଶୋକ ଦଣ୍ଡସେନା ଓ କ୍ଷୀରୋଦ ଦଣ୍ଡସେନା ନୃତ୍ୟ ନିର୍ଦ୍ଦେଶନା ଭାର ବହନ କରିଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଗାଡ଼ିଆପଡ଼ା ଘାଟି

ଖଜୁରିପଡ଼ା,୧୯।୧(ବିଦୁର ବେହେରା)



ଖଜୁରୀପଡ଼ା ବ୍ଲକରେ ଅବସ୍ଥିତ ଗାଡ଼ିଆପଡା ଘାଟି। ଘାଟିର ଦୃଶ୍ୟ ଚମତ୍କାର ଢେଉ ଢେଉକା ପାହା ଶ୍ରେଣୀ ସମ୍ମିଳିତ ମନୋରମ ବିସ୍ତାରିତ ପ୍ରାକୃତିକ ଭୂଭାଗ। ସମୁଦ୍ର ପତନ ଠାରୁ ହଜାରେ ଫୁଟ ଉର୍ଦ୍ଧ୍ୱ ଉଚ୍ଚତାରେ ରହିଛି କନ୍ଧମାଳ ଜିଲା। ଗାଡ଼ିଆପଡ଼ା ଘାଟି ଖଜୁରିପଡ଼ାଠାରୁ ଗାଡ଼ିଆପଡ଼ା ପର୍ଯ୍ୟନ୍ତ ଘଞ୍ଚ ଜଙ୍ଗଲ ମଧ୍ୟରେ ୫କି.ମି ପରିବ୍ୟାପ୍ତ। ଫୁଲବାଣୀ ଠାରୁ ଭୁବନେଶରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନଂ ୧୫୭ରେ ଯାତ୍ରା କରୁଥିବା ବେଳେ ପ୍ରକୃତି ପ୍ରେମୀକୁ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିଥାଏ ଏହି ଘାଟି। ଅନ୍ୟପଟେ ରହିଛି ଗର୍ଭ ସବୁଜ ରଙ୍ଗର ଗଛ ପତ୍ରତରୁ ଲତା ସହିତ ମନକୁ ସ୍ତବ୍ଧ କରିଦେବା ଭଳି ଦୃଶ୍ୟ। ଶୀତ ଋତୁରେ କନ୍ଧମାଳରେ ପାରଦ ତଳ ମୁହାଁ ରହୁଥିବାରୁ ଏହି ସ୍ଥାନ କୁହୁଡ଼ିରେ ପରିପୂର୍ଣ୍ଣ ହୋଇ ରହୁଛି। ବର୍ଷା ଋତୁରେ ଉପତ୍ୟାକାର ପାହାଡ଼ ମଥାନରେ ଭାସମାନ ବଉଦର ସମାଗମ। ଯାହା ପର୍ଯ୍ୟଟକଙ୍କୁ ଭାବ ବିଭୋର କରେ। ଘାଟି ରାସ୍ତାର ତୀକ୍ଷଣ ବୁଲାଣି ସହିତ ଅଙ୍କା ବଙ୍କା ରାସ୍ତା। ତେଣୁ ଗାଡ଼ି ସତର୍କତା ସହିତ ଧିରେ ଚଳେଇବା ସୂଚନା ଦିଆଯାଇଛି। ଧିରେ ମନ୍ଥର ଗତିରେ ଗାଡ଼ି ଚଳାଇଲା ବେଳେ ଗାଡିଆପଡ଼ା ଉପତ୍ୟାକାର ମାଳଭୂମି ଓ କୁଟୀର ସମୁହର ଦୃଶ୍ୟ ଅତି ସୁନ୍ଦର। ତାହା ସାଙ୍ଗକୁ ରାସ୍ତାର ପାର୍ଶ୍ୱରେ ବୋହି ଯାଉଛି ଜଙ୍ଗଲି ଝରଣା। ସେଇଥି ପାଇଁ ତ କିଛି ସମୟ ପାଇଁ ଏଠାରେ ଅଟକି ଯାଇ ପ୍ରକୃତିର ମନୋରମ ଦୃଶ୍ୟକୁ ମନଭରି ଉପଭୋଗ କରି ସେଲଫି ଉଠାନ୍ତି ପର୍ଯ୍ୟଟକ। ଖାଲି ସେତିକି ନୁହେଁ ପର୍ଯ୍ୟଟକଙ୍କ ପାଇଁ ରହିଛି ସେଲଫି ପଏଣ୍ଟ ଓ ବସିବା ପାଇଁ ଉପଯୁକ୍ତ ଜାଗା। ଅନ୍ୟପଟେ ଗାଡ଼ି ଛିଡ଼ା ହେବା ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗାଡ଼ି ରଖି ପର୍ଯ୍ୟଟକ ମାନେ ପଏଣ୍ଟରେ ରହିଲେ ଗାଡ଼ି ଯିବା ଆସିବା କରିବା ବେଳେ ପାର୍କିଂ ଅସୁବିଧା ରହୁଥିବା କୁହନ୍ତି। ଫୁଲବାଣୀ ଠାରୁ ଏହି ସ୍ଥାନର ଦୂରତା ମାତ୍ର ୨୮କିମି ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ଠାରୁ ୨ ସହ କିଲୋ ମିଟର ଦୂରତାରେ ଏହି ଘାଟି ଅବସ୍ଥିତ। ପର୍ଯ୍ୟଟକଙ୍କୁ ଏହି ଘାଟି ଆକୃଷ୍ଟ କରୁଥିଲେ ସୁଧା ପର୍ଯ୍ୟଟକ ବିଭାଗର ଦୃଷ୍ଟି ଆଢୁଆଳରେ ରହି ଯାଇଛି । ସ୍ଥାନେ ସ୍ଥାନେ ସୌନ୍ଦର୍ଯ୍ୟ କରଣ, ପାର୍କିଂ ବ୍ୟବସ୍ଥା କରିବା ପାଇଁ ପର୍ଯ୍ୟଟକ କୁହନ୍ତି । ସେହିପରି ରାସ୍ତା ସଙ୍କୁଚିତ ରହୁଥିବାରୁ ଅନେକ ସମୟରେ ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ସାଇଡ଼ ଦେବା ବେଳେ ଦୁର୍ଘଟଣା ଘଟୁଛି। ତେଣୁ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ଓସାରିଆ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି। ସେହିପରି ଆଗକୁ ଘାଟି ଉପର ପାହାଡ଼ରୁ ଘାଟି ତଳ ପାହାଡ଼କୁ ରୁଫ ରୋଡ କରିବା ପ୍ଲାନିଂ ବନ ବିଭାଗ ରଖିଥିବା ଫୁଲବାଣୀ ରେଞ୍ଜର ଶିବାନନ୍ଦ ଲେଙ୍କା କହିଛନ୍ତି। ୱାଚ ଟାୱାର ନିର୍ମାଣ ହେଲେ ଏହି ଘାଟିରେ ପ୍ରତିଟି ଋତୁରେ ପର୍ଯ୍ୟଟକ ମାନେ ତାହାର ଅଭୁଲା ସ୍ମୃତି ଅନୁଭବ କରି ପାରିବେ।

## ସଂକ୍ଷେପରେ

### ଛାତ୍ରଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ପଥରରେ ଆକ୍ରମଣ କରି ଜଣେ ବିଟେକ ଛାତ୍ରଙ୍କ ମୁଣ୍ଡ ଫଟାଇବା ଅଭିଯୋଗ ହୋଇଥିଲା। ବୈଦ୍ୟନାଥପୁର ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗେଟବଜାର ଅଞ୍ଚଳର ଏସ୍ ରାଜ ଦୋରା(୨୦), ଅମର ସେଠୀ(୧୯) ଓ ରାହୁଲ ମହାପାତ୍ର(୨୦)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗାଙ୍ଗପୁର ଥାନା ସୋମନାଥପଲ୍ଲୀ ନିବାସୀ ରତ୍ନାକର ସେଠୀଙ୍କ ପୁଅ ରାଜା କୁମାର ସେଠୀ ବ୍ରହ୍ମପୁର ସହରର ବାପୁଜି ନଗର ତୃତୀୟ ଲାଇନରେ ରହି ଗାୟତ୍ରୀ କଲେଜରେ ବିଟେକ କରୁଥିଲେ। ଗତ ୧୭ ତାରିଖରେ ଅପରାହ୍ନ ସାଢ଼େ ୫ଟାରେ ରାଜା ଗୋଲାପଲ୍ଲୀ ସାହିରେ ଥିବା ଏକ ଦୋକାନରେ ଚା' ପିଉଥିଲେ। ୩ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ପଥର ସାହାଯ୍ୟରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ରାଜା ଗୁରୁତର ହୋଇପଡିଥିଲେ। ଆହତ ଛାତ୍ର ଜଣଙ୍କ ମେଡ଼ିକାଲରେ ଚିକିତ୍ସିତ ହୋଇ ଆସିବା ପରେ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଥିଲା ।

### ଆନ୍ଧ୍ରରେ ଦୁର୍ଘଟଣା, ଓଡ଼ିଶାରେ ୨ ଯୁବକ ମୃତ

ପାତ୍ରପୁର,୧୯।୧(ଉମା ଚରଣ ନେପାକ)

ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଅନ୍ତର୍ଗତ ସାନ୍ତାପେଟା ଛକ ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଓଡ଼ିଶାର ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଜରଡା ଥାନା ଅନ୍ତର୍ଗତ ବୋରିବାଡ ଗ୍ରାମର କେ କାର୍ତ୍ତିକ(୨୦) ଓ ବଣସୋଲା ଗ୍ରାମର ଇଶ୍ୱରୁ ବିନୋଦ (୨୫)। ଦୁଇ ବନ୍ଧୁ ବାଇକରେ ସୋମପେଣ୍ଟାରୁ ଗ୍ରାମକୁ ଫେରୁଥିବା ବେଳେ ଟ୍ରକ ଧକ୍କାରେ ଛିଟିକି ପଡିବାରୁ ରାସ୍ତା ଉପରେ ଉଭୟଙ୍କ ମୃତ୍ୟୁ ହୋଇଛି।

### ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଯୁବକ ଗିରଫ

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସରକାରୀ ରେଳବାଇ ଥାନା ପୋଲିସ(ଜିଆରପି) ବ୍ରହ୍ମପୁର ରେଳଷ୍ଟେସନର ୪ ନଂ. ପ୍ଲାଟଫର୍ମରୁ ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ବ୍ରହ୍ମପୁର ଫାଷ୍ଟଗେଟ ଶାନ୍ତିନଗରର ଯୁବକ ସୋନୁ ମହାନ୍ତିଙ୍କୁ ପୋଲିସ ଗିରଫ କରିଛି । ଏ ନେଇ ଜିଆରପି ଥାନାରେ ନଂ. ୧୦/୨୫ରେ ଏକ ମାମଲା ରୁଜୁ ହୋଇଛି । ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ୪ ନଂ. ପ୍ଲାଟଫର୍ମରେ ଅଭିଯୁକ୍ତ ସୋନୁ ଏକ ଏୟାର ବ୍ୟାଗ ଧରି ଟ୍ରେନକୁ ଅପେକ୍ଷା କରିଥିଲେ । ତେବେ ସୋନୁଙ୍କୁ ହାବଭାବ ଉପରେ ପୋଲିସ ସନ୍ଦେହ କରିବାକୁ ତାଙ୍କ ନିକଟକୁ ଯାଇ ବ୍ୟାଗ ଯାଞ୍ଚ କରିଥିଲା । ଯାଞ୍ଚ ପରେ ତାଙ୍କ ବ୍ୟାଗରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଅଭିଯୁକ୍ତ ସୋନୁଙ୍କ ନିକଟରୁ ପୋଲିସ ଏକ ଟ୍ରେନ ଟିକଟ ଜବତ କରିଥିଲା । ପୁରୀ-ଓଖା ଏକ୍ସପ୍ରେସରେ ସେ ସୁରଟ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ତଦନ୍ତ ବେଳେ ପୋଲିସକୁ ଜାଣିବାକୁପାଇଥିଲା । ସୋନୁ ଏହି ଗଞ୍ଜେଇ ଟ୍ରେନ ଯୋଗେ ବ୍ରହ୍ମପୁରରୁ ସୁରଟ ଚାଲାଣ କରୁଥିବା ପୋଲିସକୁ ଜେରା ବେଳେ ସେ କହିଥିଲେ।

### ବାଲିଗୁଡ଼ାରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ବାଲିଗୁଡା,୧୯।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ସହରରେ ସରକାରୀ ଜମିରେ ବେଆଇନ ଭାବେ କୋଠା ନିର୍ମାଣ ଚାଲିଛି। ଏ ନେଇ ରାଜସ୍ୱ ବିଭାଗର ନିଦ ଭାଙ୍ଗିଛି। ସରକାରୀ ଜାଗାରେ ନିର୍ମାଣ ହୋଇଥିବା ୨ଟି ଘରକୁ ଜେସିବି ଲଗାଇ ଭାଙ୍ଗି ମାଟିରେ ମିସାଇ ଦେଇଛି। ବାଲିଗୁଡା ତହସିଲଦାର ଦୀପ୍ତି ରଞ୍ଜନ ବେହେରାଙ୍କ ଉପସ୍ଥିତିରେ ବାଇପାସ ରାସ୍ତାରେ ଘର କରିଥିବା ଠିକାଦାର ଓ ଶିକ୍ଷକଙ୍କ ଦୁଇଟି ଆଜବେଷ୍ଟ ଘରକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ସରକାରୀ ଜାଗାରେ ବେଆଇନ ଘର କରିଥିବା ସରକାରୀ ଚାକିରିଆ, ବଡ ବଡିଆ ୧୫ ଜଣ ଲୋକଙ୍କୁ ଶୀଘ୍ର ଘର ଖାଲି କରିବା ପାଇଁ ନୋଟିସ ହୋଇଥିବା ଜଣାପଡିଛି। ଜବର ଦଖଲ ଉଚ୍ଛେଦ ବେଳେ ଚାପା ଉତ୍ତେଜନା ଦେଖାଯାଇଥିଲା।

# ଚାକିରି କରାଇଦେବା ନାଁରେ ମହିଳାଙ୍କୁ ଠକେଇ

ଦିଗପହଣ୍ଡି,୧୯।୧(ଅଶେଷ ନାଥ ମିଶ୍ର)

ତହସିଲ କିମ୍ବା ବ୍ଲକ କାର୍ଯ୍ୟାଳୟରେ ଚାକିରି କରାଇଦେବେ ବୋଲି କହି ଜଣେ ମହିଳାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ୯୦ ହଜାର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ କୌତୁକି ନଗର ୨ୟ ଲେନ୍‌ର ଚନ୍ଦନା ଚୌଧୁରୀ ଏ ନେଇ ଦିଗପହଣ୍ଡି ଥାନାରେ ଶନିବାର ଏତଲା

**ଅଭିଯୁକ୍ତ ଗିରଫ**

ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୩୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଅଭିଯୁକ୍ତ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଭୀମପୁର ଶାସନର ଦୀପ୍ତି ରଞ୍ଜନ ମିଶ୍ରଙ୍କୁ ଗିରଫ କରାଯାଇଛି। ଚାକିରି କରାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେବା ସହ ଚନ୍ଦନାଙ୍କୁ ଜୀବନରେ ମାରିଦେବାକୁ ସେ ଧମକ ମଧ୍ୟ ଦେଇଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ୪ ତାରିଖରେ ଅଭିଯୁକ୍ତ ଦିପ୍ତୀ ଅଭିଯୋଗକାରିଣୀ ଚନ୍ଦନାଙ୍କ ନିକଟରେ ବିଶ୍ୱାସ ଜନ୍ମାଇ ଚାକିରି କରାଇଦେବି କହି ପ୍ରଥମେ ୧୯ ହଜାର ଟଙ୍କା ନେଇଥିଲେ। ପରେ ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ନିକଟରୁ ଫୋନ ପେ ମାଧ୍ୟମରେ ୨ ଲକ୍ଷ ୭୧ ହଜାର ନେଇଥିଲେ। ପରେ ଚନ୍ଦନା ଠକେଇର ଶିକାର ହୋଇଥିବା ଜାଣିବା ପରେ ଦୀପ୍ତିଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ସେ ଟଙ୍କା ନ ଫେରାଇ ନିଜକୁ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପୁଅ ଏବଂ ତାଙ୍କ ଭାଇ ଜଣେ ପୋଲିସ କର୍ମଚାରୀ ବୋଲି କହି ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଡରାଇଥିଲେ। ଥାନାର ଦ୍ୱାରସ୍ଥ ହେଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ନେଇ ଚନ୍ଦନା ଏତଲାରେ ଉଲ୍ଲେଖ କରିଥିବା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା

ବ୍ରହ୍ମପୁର,୧୯।୧(ସ୍ମୃତି ରଞ୍ଜନ ମହାଲିକ)



ଉପସ୍ଥିତ ଅତିଥି ଏବଂ କୃତୀ ପ୍ରତିଯୋଗୀ।

କେସି ହାଇସ୍କୁଲ ଠାରେ ରବିବାର ନେହେରୁ ଯୁବ କେନ୍ଦ୍ର ଓ ମହାତ୍ମା ଗାନ୍ଧୀ ୟୁଥ କ୍ଲବର ମିଳିତ ଉଦ୍ୟମରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଟ୍ରାଫିକ ଡିଏସ୍‌ପି ସନାତନ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅମରେନ୍ଦ୍ର ରଥ ଓ ଶିକ୍ଷୟିତ୍ରୀ ଜଲି ପାଣିଗ୍ରାହୀ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପରେ ସ୍ୱେଚ୍ଛାସେବୀ ବିନୋଦ ସାବତଙ୍କ ନେତୃତ୍ୱରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ଗୋଷାଣୀନୂଆଗାଁ ଠାରୁ ବିଜିପୁର ପର୍ଯ୍ୟନ୍ତ ଯାଇଥିଲା।

## ବିଜେଡିର ସାଙ୍ଗଠନିକ ବୈଠକ

ବେଲଗୁଣ୍ଠା,୧୯।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜେଡ଼ିର ଏକ ସାଙ୍ଗଠନିକ ବୈଠକ ମା' ବାସଙ୍ଗ ପୀଠରେ ଆୟୋଜିତ ହୋଇଛି। ବଡବୋର୍ ସିଂ ସରପଞ୍ଚ ତଥା ବ୍ଲକ ବିଜେଡ଼ି ସଭାପତି ଏସ୍.ରାମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି ଓ କର୍ମୀ ଯୋଗ ଦେଇଥିଲେ। ବେଲଗୁଣ୍ଠା ବ୍ଲକ ପୂର୍ବତନ ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ଅକାଳ ବିୟୋଗ ପରେ ଉପାଧକ୍ଷା ପ୍ରମିଳା ପ୍ରଧାନ ଅଧକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ନିର୍ବାଚନ ପରେ ରାଜନୈତିକ ଦୃଶ୍ୟପଟ ପରିବର୍ତ୍ତନ ପରେ ଅଧକ୍ଷା ବିଜେଡ଼ି ଛାଡି ଭାଜପାରେ ଯୋଗ ଦେଇଥିଲେ। ଫଳରେ ବିଜେଡ଼ି ଶିବିରରେ ଶାନ୍ତ ବାତାବରଣ ଖେଳି ଯାଇ ତୃଣମୂଳସ୍ତରର କର୍ମୀଙ୍କ ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କ ମଧ୍ୟରେ ନିରାଶା ଖେଳି ଯାଇଥିଲା। ବ୍ଲକ୍‌ର ୧୮ଟି ପଞ୍ଚାୟତର ଛାମୁଆ ନେତାଙ୍କ ଉପସ୍ଥିତିରେ ହୋଇ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୁବପିଢୀକୁ ଅଗ୍ରାଧିକାର ଦେବା, ଆଗାମୀ ଦିନରେ ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମାବେଶରେ ସଭାପତି ପାତ୍ରଙ୍କ ସମେତ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ପାଣି ପଞ୍ଚାୟତ ସଭାପତି ଉମା ନାୟକ, ସରପଞ୍ଚ ଦୁର୍ଗାମାଧବ ନାୟକ, ସରପଞ୍ଚ ଜୟରାମ ନାୟକ, ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ, ସିମାଞ୍ଚଳ ବିଷୋୟୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରରେ ରୌପ୍ୟ ଜୟନ୍ତୀ

ବେଲଗୁଣ୍ଠା,୧୯।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)


ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସ୍ଥାନୀୟ ବିବେକାନନ୍ଦ ଶିଶୁ ମନ୍ଦିରରେ ଅନୁଷ୍ଠାନର ସଭାପତି ମାଧବ ଚନ୍ଦ୍ର ଆପଟଙ୍କ ସଭାପତିତ୍ୱରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିବା ବେଳେ ବରିଷ୍ଠ ଆଇନଜୀବି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁଗେ ଯୁଗେ ସ୍ୱାମୀ ବିବେକାନନ୍ଦ ରହିବେ ବୋଲି ଉଦ୍‌ବୋଧନ ଦେଇଥିଲେ। ସମାଜି କର୍ମୀ ରଞ୍ଜିତ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱାମୀଜିଙ୍କ ଆଦର୍ଶରେ ଚାଲିଥିବା ଏହି ଅନୁଷ୍ଠାନ ଆହୁରି ଆଗକୁ ବଢୁ ବୋଲି ମତ ପ୍ରଦାନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଆଗରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତା ଗୁଡ଼ିକର ଫଳାଫଳ ଘୋଷଣା କରାଯାଇ ଅତିଥିମାନଙ୍କ ଦ୍ୱାରା ସିଲ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଥିବା କବିସମ୍ରାଟ ମିଡ଼ିଆ କ୍ଲବ୍, ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ, ପ୍ରେସ କ୍ଲବ, ମିଡ଼ିଆ କ୍ଲବ୍ ସଦସ୍ୟମାନଙ୍କୁ ଅନୁଷ୍ଠାନର ସମ୍ପାଦକ ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ରାଜା, ଅନିତା, ରଶ୍ମିତା ଓ ଆଶୁତୋଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନାଚାର୍ଯ୍ୟ କାଶୀନାଥ ସାହୁ ବାର୍ଷିକ ବୀବରଣୀ ପାଠ କରିଥିଲେ। ଅନୁଷ୍ଠାନର ଗୁରୁଜୀ ସୁକାନ୍ତ, ଶିବରାମ, ଗୁଣ୍ଡିଚା, ସନ୍ତୋଷ, ସତ୍ଯ, ବସନ୍ତ ଓ ଗୁରମା ସନ୍ଧ୍ୟା, ରୁନି, ମହାଲକ୍ଷ୍ମୀ, ଟୁନୀ, ବିଶ୍ମିତା, ଶୁଭମ୍, ମାହେଶ୍ୱରୀ, ପିଙ୍କି, ସୁଜାତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନୁଷ୍ଠାନର ସହ ପ୍ରଧାନାଚାର୍ଯ୍ୟ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଗିରି ବ୍ଲକ ଗଠନ ପାଇଁ ବୈଠକ

ରାମଗିରି,୧୯।୧(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମ ପଞ୍ଚାୟତ ସ୍ଥିତ ମିନି ଷ୍ଟାଡିୟମରେ ରାମଗିରିରେ ନୂତନ ପଞ୍ଚାୟତ ସମିତି ଗଠନ ପାଇଁ ସଭାପତି ତାରିଣୀ ଚରଣ ଗୌଡ଼ଙ୍କ ସଭାପତିତ୍ୱରେ ୨ୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ବଦଳିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ପୂଜାରୀଙ୍କ ନୂତନ ବ୍ଲକ ଗଠନ ସୁଯୋଗ କଥା ଶୁଣିବା ଦିନଠୁ, ପ୍ରତି ବ୍ଲକର ପଞ୍ଚାୟତ ଗୁଡ଼ିକ ଖୁବ ଚଳଚଞ୍ଚଳ ସହ ସ୍ଥାନେସ୍ଥାନେ ବୈଠକ ଓ ଆଲୋଚନା ଜାରିରହିଥିବା ଦେଖିବାକୁ ମିଳିଛି। ସେଇ ପରିପେକ୍ଷୀରେ ଆର.ଉଦୟଗିରି ବ୍ଲକରୁ ପୃଥକ ହୋଇ ରାମଗିରି ବ୍ଲକ ଗଠନ ଲାଗି ଜାନୁୟାରୀ ୧୨ରେ ଅଞ୍ଚଳର ୧୧ଗୋଟି ପଞ୍ଚାୟତର ପ୍ରାୟ ୧୫୦ଲୋକଙ୍କୁ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ପୂର୍ବ ବୈଠକରେ ନିର୍ବାଚିତ କମିଟି ଦ୍ୱାରା ଏକ ଜନ ସଭା ଆୟୋଜିତ ହୋଇଥିଲା। ଯେଉଁଥିରେ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀମାନଙ୍କ ସମର୍ଥନ ସହ ସହଯୋଗ ଥିବା ପ୍ରକାଶ କରିଥିଲେ।

# କୃଷ୍ଣସିଂହ ପାଠାଗାରର ସାଧାରଣ ବୈଠକ

ଆସିକା,୧୯।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସି ନିରଞ୍ଜନ ନଗରସ୍ଥିତ ସର୍ବ ପୁରାତନ କୃଷ୍ଣସିଂହ ପାଠାଗାରର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦର ସଭାପତି ସୁଧାଂଶୁ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସୁରେନ୍ଦ୍ରନାଥ ସାହୁ, ସମ୍ପାଦକ ତାରିଣୀ ସେନାପତି, ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ ପ୍ରମୁଖ ପାଠାଗାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସହରର ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ପଠନ ଆଗ୍ରହୀ ଜନସାଧାରଣଙ୍କୁ ଅଧିକ ଆକର୍ଷିତ କରି ପାଠାଗାରର ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ନୂତନ ପରିଚାଳନା ପରିଷଦ ଗଠିତ ହୋଇଥିଲା। ପରିଚାଳନା କମିଟିରେ ଉପଦେଷ୍ଟା ରୂପେ ପୂର୍ବତନ ନଗରପାଳ ଆଡଭୋକେଟ ଦେବୀ ପ୍ରସାଦ ରଥ, ସୁଧାଂଶୁ କୁମାର ପଣ୍ଡା, ସରୋଜ କୁମାର ତ୍ରିପାଠୀ ଓ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା । ଆଇନଜୀବୀ ବ୍ରହ୍ମାନନ୍ଦ ରାଓ ସଭାପତି, ତାରିଣୀ ସେନାପତି ଉପସଭାପତି, ଖବରଦାତା ସୁରେନ୍ଦ୍ର ନାଥ ସାହୁ ସଂପାଦକ, ଅନିଲ କୁମାର ପାଣିଗ୍ରାହୀ ଯୁଗ୍ମ ସଂପାଦକ ଓ ସରୋଜ କୁମାର ଦାସଙ୍କୁ କୋଷାଧକ୍ଷ ରୂପେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସେହିପରି ଆଇନଜୀବୀ ସୂର୍ଯ୍ୟପ୍ରକାଶ ରାଓ, ପୂର୍ଣ୍ଣଚନ୍ଦ୍ର ନାୟକ, କିଶୋର ଚନ୍ଦ୍ର ସାହୁ, ଶିବରାମ ମହାରଣା, ହରିହର ପାଢୀ, ଶ୍ରୀନିବାସ ପାତ୍ର, ନିରଞ୍ଜନ ମହାନ୍ତି, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ପ୍ରସାଦ ରାଓ ଆଚାରୀ, ସେକ ବାଜାନ ପ୍ରମୁଖ ପରିଚାଳନା କମିଟି ସଦସ୍ୟ ଭାବେ ମନୋନିତ ହୋଇଛନ୍ତି।

## ସାରସ୍ୱତ ସାଧିକା ଅମିୟବାଳାଙ୍କ ସ୍ମୃତିସଭା


ସାହିତ୍ୟ ସମାଜ ପକ୍ଷରୁ ସ୍ମରଣିକା ଉନ୍ମୋଚନ କରାଯାଉଛି।

ବ୍ରହ୍ମପୁର,୧୯।୧(ସ୍ମୃତି ରଞ୍ଜନ ମହାଲିକ)

ସାରସ୍ୱତ ସାଧିକା ଓ ଅନୁବାଦିକା ଅମିୟବାଳା ପଟ୍ଟନାୟକଙ୍କ ଦ୍ୱାଦଶ ସ୍ମୃତି ସଭା କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢି ସଭାପତିତ୍ୱ କରିଥିଲେ। ସଂପାଦକ ଡ ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅମିୟ ବାଳାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଶିକ୍ଷାବିତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପରିବେଶବିତ ପ୍ରଫୁଲ ସାମନ୍ତରା ଅମିୟ ବାଳାଙ୍କ ସାରସ୍ୱତ ଜୀବନର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା ଅନବଦ୍ୟା ଅମିୟ ସ୍ମରଣେ ଉନ୍ମୋଚିତ ହୋଇଥିଲା। ଡ ବ୍ରଜମୋହନ ସାସମଲ, କିରଣବାଳା ମିଶ୍ର, ଡ ସୂଚନା ପଟ୍ଟନାୟକ, ଗୀତା ପଟ୍ଟନାୟକଙ୍କ ସମେତ ସାହିତ୍ୟ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଭାରତୀୟ ମଜଦୁର ସଂଘ ଜିଲା କମିଟିର ବାର୍ଷିକ ଅଧିବେଶନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମଞ୍ଚର ସଦସ୍ୟ।

ବ୍ରହ୍ମପୁର,୧୯।୧(ସ୍ମୃତି ରଞ୍ଜନ ମହାଲିକ)

ଭାରତୀୟ ମଜଦୁର ସଂଘ ଜିଲା କମିଟିର ବାର୍ଷିକ ଅଧିବେଶନ ଟାଉଲ ହଲ ରୋଡ ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ଭବାନୀ ଶଙ୍କର ଦାସ ଅଧକ୍ଷତା କରିଥିଲେ। ସାଧାରଣ ସଂପାଦକ ପୃଥ୍ୱୀରାଜ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସଂଘର କର୍ମକର୍ତ୍ତାମାନେ ନୀତି ଆଦର୍ଶରେ କାର୍ଯ୍ୟ ସଂପାଦନ କଲେ ସଂଘ ସୁଦୃଢ଼ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ସଂଘର ୭୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ବ୍ଲକ ଓ ଗାଁ ପର୍ଯ୍ୟନ୍ତ ପହଂଚାଇବା ପାଇଁ ଲକ୍ଷ୍ୟ ରଖିବା ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସଂଘର ନୂତନ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଥିଲା। ସଭାପତି ରୂପେ ଭବାନୀ ଶଙ୍କର ଦାଶ, କାର୍ଯ୍ୟକାରୀ ସଭାପତି ଅମିତା ରାଉତ, ଉପସଭାପତି ଆତ୍ମଜ ଚରଣ ସାହୁ, ସଂପାଦକ ଉମାଶଙ୍କର ସାହୁ ମନୋନୀତ ହୋଇଥିଲେ। ରାଜ୍ୟ ଉପସଭାପତି ସୁମିତା ମହାପାତ୍ର, ଜିଲା ପ୍ରଭାରୀ ସତ୍ୟବ୍ରତ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ପାତ୍ର, ଚପଳା ନାୟକ, ଲିଙ୍ଗରାଜ ସାହୁ, ମହାନଗର ଉପସଭାପତି ପି ଧର୍ମାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଶ୍ରୀ ମହିଳା ସଂଗଠନର ଶିଶୁ ସେବା ପ୍ରଦାନ


କାର୍ଯ୍ୟକ୍ରମରେ ଉପସ୍ଥିତ ସଂଗଠନର ସଦସ୍ୟମାନେ।

ବ୍ରହ୍ମପୁର,୧୯।୧(ଅଶୋକ କୁମାର ସାହୁ)

ଆଙ୍କୁଲି ଶ୍ରୀହରି ନଗର ଶ୍ରୀ ମହିଳା ସଂଗଠନ ପକ୍ଷରୁ କନିଷ୍ଠି ମଦନମୋହନସ୍ଥିତ ନବଜୀବନ ସେବାଶ୍ରମ ଅନ୍ତେବାସୀଙ୍କୁ ସେବା ପ୍ରଦାନ କରାଯାଇଛି। ୨୦୧୨ରୁ ସେଠାରେ ଥିବା ଅନାଥ ଶିଶୁମାନଙ୍କୁ ସେବା ପ୍ରଦାନ କରାଯାଇ ଆସୁଛି। ଏହି କାର୍ଯ୍ୟକ୍ରମରେ ସେବାଶ୍ରମର ସଭାପତି ଡ. ସଂଗୀତା ବାବୁ ଓ ସମ୍ପାଦକ ସୁଶାନ୍ତ ମହାରଣା ଉପସ୍ଥିତ ଥିଲେ। ଶ୍ରୀ ମହିଳା ସଂଗଠନ ପକ୍ଷର ଅନ୍ତେବାସୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସଂଗଠନର ଦୀବଗଂତ ସଭ୍ୟା ଗୀତାଞ୍ଜଳି ସାହୁଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କେକ୍ କାଟି ଶିଶୁମାନଙ୍କୁ ଦିଆଯାଇଥିଲା। ଉତ୍କଳ ବାଳାଶ୍ରମର ପୂର୍ବତନ ଅଧକ୍ଷା ଇନ୍ଦିରା ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାଶ, ଅର୍ଚ୍ଚନା ସାହୁ, ତିଳୋତ୍ତମା ଦଳେଇ, କେ.ସାବିତ୍ରୀ ରେଡ୍ଡିଙ୍କ ସହ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସାଂପ୍ରତିକ ଓଡିଆ କବିତାରେ ମାଟି ମନସ୍କତାର ସ୍ୱର ଆବଶ୍ୟକ


ପାଠଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୯।୧(ସ୍ମୃତି ରଞ୍ଜନ ମହାଲିକ)

ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସାଂପ୍ରତିକ ଓଡିଆ କବିତାର ଧରା ଓ ଧାରା ଶୀର୍ଷକ ୨ ଦିନିଆ ଜାତୀୟ ପାଠଚକ୍ର ଉଦଯାପିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ ଉଷାରାଣୀ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଉତ୍ତମା ଜେନା ଯୋଗ ଦେଇଥିଲେ। ସାଂପ୍ରତିକ ଓଡିଆ କବିତାର ଭାବ ଭୂମି ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ରୂପେ ବ୍ରହ୍ମପୁର ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଢି ଯୋଗ ଦେଇ ପାଶ୍ଚାତ୍ୟ ଚିନ୍ତା ଚେତନାର ପ୍ରଭାବିତ ନ ହୋଇ ସାଂପ୍ରତିକ ଓଡିଆ କବିତାରେ ଅଧିକରୁ ଅଧିକ ମାଟି ମନସ୍କତାର ସ୍ୱର ପାଇବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ବିଶ୍ୱଭାରତୀ ଶାନ୍ତି ନିକେତନ ଓଡିଆ ବିଭାଗ ସହକାରୀ ପ୍ରଫେସର ଡ ଶରତ କୁମାର ଜେନା ଯୋଗ ଦେଇ ଉତ୍ତର ଆଧୁନିକ କବିତାର ପ୍ରମୁଖ ଦୃଷ୍ଟି ଭଙ୍ଗୀ ସଂପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ଡ କୈଳାସ ଚନ୍ଦ୍ର ତ୍ରିପାଠୀ ଓ ଚତୁର୍ଥ ଅଧିବେଶନରେ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଦକ୍ଷିଣାଚଂଳ ଉପସଚିବ ଡ କୁଳମଣି ଓଝା ପୌରହିତ୍ୟ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

ଜି.ଉଦୟଗିରି/ବାଲିଗୁଡ଼ା,୧୯।୧
(ଚିନ୍ମୟ କୁମାର ସେଠୀ/ ସଞ୍ଜୟ ପାଣିଗ୍ରାହୀ)


ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ରାଜ୍ୟସ୍ତରୀୟ କାୟାକଳ୍ପ ଟିମ ସଦସ୍ୟ।

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଛନ୍ତି। ଏହି ଟିମ୍‌ରେ ଅତିରିକ୍ତ ନିର୍ଦ୍ଦେଶକ ପିଆଇଡି ଡ.ଅଞ୍ଜନା ପଣ୍ଡା, ଡ.ବୀଣାପାଣି ପଣ୍ଡା ଏମ୍‌ଓ, ଏନ୍‌ଟିଇପି ଏବଂ ଡ.ରୁଦ୍ର ଦାସ ଆସିଥିବା ବେଳେ ତାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଦୁଷ୍ମନ୍ତ ସୁତାର ଆସିଷ୍ଟାଣ୍ଟ ମ୍ୟାନେଜର ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ସମୟରେ ଉକ୍ତ କାୟାକଳ୍ପ ଟିମ୍ ଦ୍ୱାରା ଡାକ୍ତରଖାନା ପରିସର ଭିତର ଓ ବାହାର ତଥା ଡାକ୍ତରଖାନା ଭିତରେ ଥିବା ଓପିଡି, ପ୍ରସୂତି କକ୍ଷ, ରୋଗୀ ଶଯ୍ୟା କକ୍ଷ, ରକ୍ତ ପରୀକ୍ଷାଗାର, ଶୌଚାଳୟ, ସେବିକା କକ୍ଷ, ଡାକ୍ତର କକ୍ଷ, ନିରାମୟ ଔଷଧ ବିଭାଗ ସହ ନିଷିଦ୍ଧାଞ୍ଚଳ ବୁଲି ଦେଖିବା ସହ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିବା ସହ ଡାକ୍ତରଖାନାରେ ଥିବା ସମସ୍ତ ଉପକରଣ ଓ ପରିବେଶ ବିଷୟରେ ସମୀକ୍ଷା କରିଥିଲେ। ଡାକ୍ତରଖାନା ବାହାର ଓ ଭିତର ପରିବେଶର ସ୍ୱଚ୍ଛତା ଓ ରୋଗୀ ମାନଙ୍କୁ ଉପଲବ୍ଧ କରାଯାଉଥିବା ସେବା ଓ ସ୍ୱଚ୍ଛ ପରିବେଶ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ଜି.ଉଦୟଗିରି ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ରତିକାନ୍ତ ସାହୁ, ଗ୍ରେସିଙ୍ଗିଆ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡ.କୌସ୍ତୁଭ ରାଉତ, ଗୋଷ୍ଠୀ କାର୍ଯ୍ୟକ୍ରମ ଅଧିକାରୀ ରାଜ କିଶୋର ସାହୁ, ଆୟୁଷ ଏମଓ ଡ.ଦେବବ୍ରତ ବାରିକ, ସମସ୍ତ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ, ଲ୍ୟାବ ଟେକନିସିଆନ, ସିଏଚଓ ଟିମ ଉପସ୍ଥିତ ରହି ପରିଦର୍ଶନରେ ସହଯୋଗ କରିଥିଲେ।

ସେହିପରି ୩ ଜଣିଆ କାୟାକଳ୍ପ ଟିମ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ସ୍ୱଚ୍ଛତା, ପରିମଳ, ଆଇସିଡିସି କେନ୍ଦ୍ର, ଟୀକା କାରଣ କେନ୍ଦ୍ର, ପ୍ରସୂତି ଗୃହ ଓ ଅସ୍ତ୍ରୋପ୍ରଚାର ଗୃହର ଭିତ୍ତି ଭୂମି, ରଞ୍ଜନ ରଶ୍ମୀ କେନ୍ଦ୍ର, ଯଖମା କେନ୍ଦ୍ର, ଔଷଧୀୟ ପାର୍କ ପ୍ରମୁଖ ବୁଲି ଦେଖିବା ସହ ଭିତ୍ତିଭୂମି ପରଖିବା ସହ ବିଭିନ୍ନ ରିପୋର୍ଟ ସଂଗ୍ରହ କରିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ, ଗୁଣବତ୍ତା ପରିଚାଳକ ଦୁଷ୍ମନ୍ତ ସୁତାର, ଡଃ .ଗାୟତ୍ରୀ ଦେବୀ, ଡଃ .ଏସ.ରାମ ପାତ୍ର, ଡଃ. ବିବେକା ନନ୍ଦ ମାଲାଣ, ସୂର୍ଯ୍ୟକାନ୍ତ ପାଢୀ, ଅମ୍ବିକା ପାତ୍ର ଓ ଗୋପାଳ କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ରହି ଟିମକୁ ବୁଲାଇ ଭିତ୍ତି ଭୂମି ଦେଖାଇଥିଲେ।

